**SET – 4**

**Series : TYM/C**

**Code No. 14**

**Roll No.** | | | | | | | |

Candidates must write the Code on the title page of the answer-book.

- ପ୍ରଶ୍ନପତ୍ରଟି **6** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **11**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉପଯୁକ୍ତ ସ୍ଥାନରେ ଲେଖ ।
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **6** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **11** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*

**ସୂଚନା :** ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ – Reading – 10 marks

(ଖ) ଲିଖନ – Writing – 15 marks

(ଗ) ବ୍ୟାକରଣ – Grammar – 20 marks

(ଘ) ସାହିତ୍ୟ – Literature – 35 marks

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## ‘କ’ ବିଭାଗ

1. ନିମ୍ନ ଅନୁଚ୍ଛେଦଟି ପାଠକରି ପ୍ରଦତ୍ତ ପଶ୍ନଗୁଡ଼ିକର ଉତ୍ତର ଲେଖ । **5 × 2 = 10**

ଛାତ୍ରଶକ୍ତି ଦେଶର ଏକ ପ୍ରମୁଖ ଶକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଛାତ୍ରଛାତ୍ରୀମାନେ କେବଳ ଦେଶର ଭବିଷ୍ୟତ ନୁହନ୍ତି, ଦେଶର ଭାଗ୍ୟବିଧାତା ମଧ୍ୟ । ଆଜି ଯେଉଁମାନେ ଛାତ୍ରଛାତ୍ରୀ ଭାବରେ ଅଧ୍ୟୟନ କରୁଛନ୍ତି, ଆସନ୍ତା କାଲି ସେମାନେ ଦେଶର ଭାଗ୍ୟନିୟନ୍ତା ସାଜିବେ । ଦେଶକୁ ନୂତନ ଦିଗ୍‌ଦର୍ଶନ ଦେବେ । ଛାତ୍ରସମାଜକୁ ଉତ୍ତମ ଭାବରେ ପରିଚାଳିତ କରିବାର ଗୁରୁଦାୟିତ୍ୱ ସମାଜ ଉପରେ ନ୍ୟସ୍ତ । ଛାତ୍ରଛାତ୍ରୀମାନଙ୍କର ପରମ କର୍ତ୍ତବ୍ୟ ହେଉଛି ନିଜକୁ ଶୃଙ୍ଖଳିତ ଭାବରେ ଗଢ଼ିତୋଳିବା ଓ ଭବିଷ୍ୟତ ନିମନ୍ତେ ଉତ୍ତମ ଭାବରେ ପ୍ରସ୍ତୁତି ହେବା । କୌଣସି ପ୍ରକାର ପ୍ରଲୋଭନ ଅଥବା ଅହେତୁକ ଆକର୍ଷଣ ନିକଟରେ ଛାତ୍ରସମାଜ ନିଜକୁ ସମର୍ପଣ କରିଦେବା ଆଦୌ ବାଞ୍ଛନୀୟ ନୁହେଁ । ଛାତ୍ରଛାତ୍ରୀମାନେ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବେ ନା ନାହିଁ ତାହା ଏକ ବିପୁଳ ବିତର୍କର ଅପେକ୍ଷା ରଖେ । ମାତ୍ର, ଦେଶରେ ଥିବା ସମସ୍ୟା ଗୁଡ଼ିକ ନିକଟରୁ ଛାତ୍ରସମାଜ ନିଜକୁ ସଂପୂର୍ଣ୍ଣ ଭାବରେ ଦୂରେଇ ରଖିବା ଆଦୌ ସମୀଚୀନ ମନେହୁଏ ନାହିଁ । କାରଣ, ଛାତ୍ରଛାତ୍ରୀମାନଙ୍କ ଜରିଆରେ ସମାଜରେ ଅନେକ ମହତ କର୍ମ ସାଧିତ ହୋଇପାରିବ । ସେମାନେ ସଦାବେଳେ ଗଠନ ମୂଳକ କାର୍ଯ୍ୟରେ ନିୟୋଜିତ ହେଲେ ଦେଶ ଓ ଦଶର ଅଶେଷ କଲ୍ୟାଣ ସାଧିତ ହୋଇପାରିବ । ସଂକୀର୍ଣ୍ଣ ସ୍ୱାର୍ଥସିଦ୍ଧି ନିମନ୍ତେ ଛାତ୍ର ସମାଜକୁ ବ୍ୟବହାର କରିବା ଆଦୌ ଶୁଭଲକ୍ଷଣ ନୁହେଁ । ଏ କଥା ଆମର ବୁଦ୍ଧିଜୀବୀ ଓ ସମାଜନିୟନ୍ତାଗଣ ଭଲଭାବରେ ହୃଦୟଙ୍ଗମ କରିବା ଉଚିତ ।

(କ) ଛାତ୍ରଶକ୍ତିର ବିଶେଷତ୍ୱ କ’ଣ ?

(ଖ) କେଉଁ ପ୍ରସଙ୍ଗ ବିପୁଳ ବିତର୍କର ଅପେକ୍ଷା ରଖେ ?

(ଗ) ଛାତ୍ରଛାତ୍ରୀମାନଙ୍କର ପରମ କର୍ତ୍ତବ୍ୟ କ’ଣ ?

(ଘ) ଦେଶ ଓ ଦଶର ଅଶେଷ କଲ୍ୟାଣ କିପରି ସାଧିତ ହୋଇପାରିବ ?

(ଙ) ବୁଦ୍ଧିଜୀବୀ ଓ ସମାଜନିୟନ୍ତାଗଣ କେଉଁ କଥା ହୃଦୟଙ୍ଗମ କରିବା ଉଚିତ ?

## ‘ଖ’ ବିଭାଗ

2. ଯେ କୌଣସି **ଗୋଟିଏ** ବିଷୟରେ ରଚନା ଲେଖ : **8**

(କ) ଭାରତର ବୈଦେଶିକ ନୀତି

(ଖ) ବିଜ୍ଞାନର ସଦୁପଯୋଗ

(ଗ) ପର୍ଯ୍ୟଟନ ଶିଳ୍ପର ପ୍ରସାର

3. ସ୍ଥାନୀୟ ସମ୍ବାଦ ପ୍ରକାଶନକୁ ଗୁରୁତ୍ୱ ଦେବାନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ । 7

**କିମ୍ବା**

'ସରଳ ଜୀବନ ମହତ ଚିନ୍ତନ' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସମ୍ପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## 'ଗ' ବିଭାଗ

4. (କ) ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର । (4 **ଟିର**) 4

(i) ଯାହା ପୁଅକୁ ସାପ କାମୁଡ଼ି ଥାଏ, ତା' ମାଆ ପାଳଦଉଡ଼ି ଦେଖି ଡରିଯାଏ । (ସରଳ ବାକ୍ୟ)

(ii) ଯଦିଓ ସୁଧାକର ବାବୁ ଧନୀ, ସେ ସୁଖୀ ନୁହଁନ୍ତି । (ଯୌଗିକ ବାକ୍ୟ)

(iii) ଅନେକ ବୁଝାଇବା ପରେ ବି ସେ ସତ ମାନିଲେ ନାହିଁ । (ଜଟିଳ ବାକ୍ୟ)

(iv) ବିଦ୍ୟାଳୟର ଯେଉଁ ଶିକ୍ଷକ ଅଭିଜ୍ଞ, ସେ ଶିକ୍ଷଣ କର୍ମଶାଳା ପରିଚାଳନା କରନ୍ତି । (ସରଳ ବାକ୍ୟ)

(v) କର୍ମରେ ଅବହେଳା କରିବାରୁ ସେ ଦଣ୍ଡ ପାଇଲା । (ଯୌଗିକ ବାକ୍ୟ)

(vi) ମୁଁ ଖୋଜୁଥିବା ବହିଟି ସେ ଦୋକାନରେ ନ ଥିଲା । (ଜଟିଳ ବାକ୍ୟ)

(ଖ) ଭ୍ରମ ସଂଶୋଧନ କରି ଲେଖ । (4 **ଟିର**) 4

ଶିର୍ଷ, ଶିକ୍ଷୟତ୍ରୀ, ଯନ୍ତ୍ରପତି, ଦିପ୍ତି, ଜେଷ୍ଠ, ସମାସ୍ୟା

(ଗ) ଲକ୍ଷଣ ଓ ଯତିପାତ ସହ ଯେ କୌଣସି **ଗୋଟିଏ** ଛନ୍ଦର ଉଦାହରଣ ଦିଅ । 4

ଭାଗବତ ବାଣୀ, ରାମକେରୀ

(ଘ) ବାକ୍ୟରେ ବ୍ୟବହାର କର । (ଯେ କୌଣସି **4ଟି** ରୂଢ଼ିର) 4

କୁମ୍ଭୀର କାନ୍ଦଣା, ଜପାମାଳି, କୁକୁର ପରି ଧାଇଁବା, ବିରାଡ଼ି ବୈଷ୍ଣବ, ଖତଗଦାରେ ପଦ୍ମ, ଅଲଣା କଥା ।

(ଙ) ନିମ୍ନ ଅନୁଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର । 4

The National flag of India is the symbol of our national unity. It is the soul of people of India. Every Indian must understand the significance of the colours of our national flag. Each colour has a specific meaning. The wheel at the centre denotes progress.

## 'ଘ' ବିଭାଗ

5. ସପ୍ରସଙ୍ଗ ସରଳାର୍ଥ ଲେଖ । (**ଗୋଟିକର**) **5**

(କ) ଏହାର ଶେଷ ଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣହିଁ ଚାଲିଛି ।

(ଖ) କିନ୍ତୁ ଆମ ଦେଶରେ ଜ୍ଞାନଭଣ୍ଡାରଟା ଇଂରେଜିରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ ।

6. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3 ଟିର) **3 × 2 = 6**

(କ) ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ'ଣ ହୋଇଥିଲା ?

(ଖ) ମୈତ୍ରୀର ଧ୍ୱଜା କେତେବେଳେ ଉଡ଼ିବ ବୋଲି କୁହାଯାଇଛି ?

(ଗ) କେଉଁ ଘଟଣା ପାଇଁ ସ୍କଟ୍‌ଲାଣ୍ଡରେ ମାସ ମାସ ଧରି ଆନ୍ଦୋଳନ ଚାଲିଥିଲା ?

(ଘ) ଜନତା ଜନାର୍ଦ୍ଦନ କାହିଁକି ଅବହେଳିତ ଅବସ୍ଥାରେ ଥିଲେ ?

(ଙ) ସତ୍ୟବାଦୀ ପର୍ବର ମୁଖ୍ୟ ଆଦର୍ଶ କ'ଣ ଥିଲା ?

7. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । **4 × 1 = 4**

(କ) ମୟୂରର ଉଦ୍ଧତ ନୃତ୍ୟ କେଉଁଠାରେ ଆଜି ମଧ୍ୟ ଦେଖାଯାଏ ?

(i) ଯମୁନା କୂଳରେ (ii) ବୃନ୍ଦାବନର ପୁଷ୍ପିତ କଦମ୍ବରେ

(iii) ଗୋପ ନଗରୀରେ (iv) ଦ୍ୱାରକାର ରାଜପଥରେ

(ଖ) ଗଣତନ୍ତ୍ରର ମୂଳମନ୍ତ୍ର କ'ଣ ?

(i) ମାତୃଭାଷା (ii) ଜନହିତକର କାର୍ଯ୍ୟ

(iii) ଶିକ୍ଷା (iv) ଆଦର୍ଶ ଶାସନ

(ଗ) କେଉଁ ମସିହାରେ ପ୍ରଥମ କରି ବିବେକାନନ୍ଦ ପରିଭ୍ରମଣରେ ବାହାରିଥିଲେ ?

(i) 1868 (ii) 1886

(iii) 1893 (iv) 1902

(ଘ) ଫକୀରମୋହନ ସେନାପତିଙ୍କ ଆତ୍ମଜୀବନୀର ନାମ କ'ଣ ?

(i) ନନାଙ୍କ ପାଞ୍ଜି (ii) ଆତ୍ମଜୀବନୀ

(iii) ଆତ୍ମଚରିତ (iv) ମୋ ଜୀବନୀ

8. ସପ୍ରସଙ୍ଗ ସରଳାର୍ଥ ଲେଖ । (**ଗୋଟିକର**) **5**

(କ) ଜନମ କାଳୁ ଯେ ଦେହେ ତୋ' ଆଘାତ

କେତେ ନ ଦେଇଛି ମୁହିଁ

ନିଜ ଛୁଆ ବୋଲି ସବୁ ଦୋଷ ସିନା

କ୍ଷମିଅଛୁ ଏକା ତୁହି ।

(ଖ) କଳି ଉପଦ୍ରବେ ତ୍ୟଜି ଲୋକାଳୟ

ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ?

9. ସଂକ୍ଷେପରେ ଉତ୍ତର ଲେଖ । (3 **ଟିର**) **3 × 2 = 6**

(କ) ମାନଗୋବିନ୍ଦ କାହିଁକି ଅଧୈର୍ଯ୍ୟ ହୋଇପଡ଼ିଲେ ?

(ଖ) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?

(ଗ) ମର୍ତ୍ତ୍ୟଭୁବନକୁ ଉଷା ଆସିବାର ଉଦ୍ଦେଶ୍ୟ କ'ଣ ?

(ଘ) ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗିଉଠିବେ ବୋଲି କବି କହିଛନ୍ତି ?

(ଙ) ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । **4 × 1 = 4**

(କ) ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ କ'ଣ ?

(i) ବିଶେଷ ଦେହଧାରିଣୀ କନ୍ୟା (ii) ଦେହହୀନା କନ୍ୟା

(iii) ବିଦେହର କନ୍ୟା (iv) ବିଦେଶିନୀ କନ୍ୟା

(ଖ) ନିମ୍ନଲିଖିତ ମଧ୍ୟରୁ କେଉଁଟି ପଞ୍ଚଭୂତ ଅନ୍ତର୍ଗତ ନୁହେଁ ?

(i) ପୃଥିବୀ (ii) ଆକାଶ

(iii) ବାୟୁ (iv) ସୂର୍ଯ୍ୟ

(ଗ) କ'ଣ ଚିରିଦେବା ପାଇଁ କବି ଆହ୍ୱାନ ଦେଇଛନ୍ତି ?

(i) ଭବିଷ୍ୟତର ସ୍ୱପ୍ନ (ii) ବର୍ତ୍ତମାନର ଜୀବନ

(iii) ଅତୀତର ଜୀର୍ଣ୍ଣ ଜୀବନ (iv) ବିଜୟର ମାଳା

(ଘ) ମାଟି ମା'ର ପ୍ରାଣ କିପରି ?

(i) ପାହାଡ଼ ପଥର ଭରା (ii) କଅଁଳ ପତର ପରି

(iii) କ୍ଷତ ଚିହ୍ନମୟ (iv) ପ୍ରତିହିଂସାରେ ପରିପୂର୍ଣ୍ଣ

11. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଲେଖ । 5

(କ) ମଣିଷମାନେ ସଂସାର ବନ୍ଧନ କହିଲେ କ'ଣ ବୁଝନ୍ତି ?

(ଖ) ଗାଲ୍ଲିକ୍ ବରଗଛକୁ ମହାନ ସ୍ନେହମୟୀ ଜନନୀ ସହିତ କାହିଁକି ତୁଳନା କରିଛନ୍ତି ?

(ଗ) ଶିଳ୍ପୀମାନେ ଧରମାକୁ ଶେଷ କରିଦେବାକୁ ଚାହିଁବାର କାରଣ କ'ଣ ?